# NATIONAL NEWS BULLETIN (ODIA)

## 26 May - 2025

## Morning Bulletin : 7.15 A.M.

**************************************************

## ମୁଖ୍ୟ ସମ୍ବାଦ

- ଗୁଜରାଟର ଦାହୋଦଠାରେ ୨୪ ହଜାର କୋଟି ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଆଜି ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ
- ଆଜିଠାରୁ ୩ ଦିନିଆ ମହାରାଷ୍ଟ୍ର ଗସ୍ତରେ ଯାଉଛନ୍ତି ସ୍ୱରାଷ୍ଟ୍ରମନ୍ତ୍ରୀ
- ବିକାଶର ମାର୍ଗକୁ ତ୍ୱରାନ୍ୱିତ କରିବା ଏବଂ ସରକାରଙ୍କ ସଫଳତାକୁ ପ୍ରଭାବଶାଳୀ ଢ଼ଙ୍ଗରେ ଲୋକଙ୍କ ପାଖରେ ପହଞ୍ଚାଇବା ଉପରେ ଗୁରୁତ୍ୱ ଦେଲେ ପ୍ରଧାନମନ୍ତ୍ରୀ
- ଭାରତ-ମାଳଦୀପ ବ୍ୟାପକ ଅର୍ଥନୈତିକ ଓ ସାମୁଦ୍ରିକ ସୁରକ୍ଷା ସହଯୋଗ ସଂକ୍ରାନ୍ତ ଆଲୋଚନାରେ ଯୋଗଦେବା ଲାଗି ନୂଆଦିଲ୍ଲୀରେ ପହଞ୍ଚିଲେ ମାଳଦୀପ ବୈଦେଶିକ ମନ୍ତ୍ରୀ

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଗତକାଲିର ଦ୍ୱିତୀୟ ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ ବିଜୟୀ

# ପିଏମ୍‌-ଦାହୋଦ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଗୁଜରାଟର ଦାହୋଦଠାରେ ୨୪ ହଜାର କୋଟି ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ । ଗୁଜରାଟକୁ ଏହି ଦୁଇଦିନିଆ ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ଦାହୋଦ ଲୋକମୋଟିଭ୍‌ ନିର୍ମାଣ ପ୍ଲାଣ୍ଟକୁ ଲୋକାର୍ପଣ କରିବେ । ଆସନ୍ତା ୧୧ ବର୍ଷ ମଧ୍ୟରେ ଏହି ପ୍ଲାଟରୁ ୧ ହଜାର ୨୦୦ ବିଦ୍ୟୁତ୍‌ ଆଧାରିତ ଲୋକମୋଟିଭ୍‌ସ ଉତ୍ପାଦନ କରିବାର ଲକ୍ଷ୍ୟ ରଖାଯାଇଛି । ୨୧ ହଜାର କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ପ୍ଲାଣ୍ଟ ଆଧୁନିକ ଲୋକମୋଟିଭ୍‌ ଉତ୍ପାଦନ ସହ ରେଳବାଇର ମାଲ୍‌ ପରିବହନ କ୍ଷମତା ବୃଦ୍ଧି କରିବାରେ ସହାୟକ ହେବ । ଏହି ପ୍ରକଳ୍ପ ମେକ୍‌ ଇନ୍‌ ଇଣ୍ଡିଆ ଦୃଷ୍ଟିକୋଣକୁ ପୂରଣ କରିବା ସହିତ ବିଶ୍ୱ ପାଇଁ ପ୍ରସ୍ତୁତ ପଦକ୍ଷେପକୁ ମଧ୍ୟ ତ୍ୱରାନ୍ୱିତ କରିବ । ରେଳବାଇ ବୋର୍ଡର ଅଧ୍ୟକ୍ଷ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସତୀଶ କୁମାର କହିଛନ୍ତି, ଶିଳ୍ପ ଗୋଷ୍ଠୀର ସହଯୋଗ ମାଧ୍ୟମରେ ରେକର୍ଡ ସମୟ ମଧ୍ୟରେ ଏହି ପ୍ରକଳ୍ପକୁ ନିର୍ମାଣ କରାଯାଇ ପାରିଛି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ୯ ହଜାର ଅଶ୍ୱଶକ୍ତି ବିଶିଷ୍ଟ ବୈଦ୍ୟୁତିକ ଲୋକମୋଟିଭ୍‌ ଇଞ୍ଜିନ୍‌ର ଶୁଭାରମ୍ଭ କରିବେ । ଏହା ଦେଶର ସବୁଠାରୁ ଶକ୍ତିଶାଳୀ ରେଳ ଇଞ୍ଜିନ୍‌ ଭାବେ ମାନ୍ୟତା ପାଇଛି । ୫ ହଜାର ଟନ୍‌ ବିଶିଷ୍ଟ ମାଲବାହୀ ଡବାକୁ ଘଣ୍ଟା ପ୍ରତି ୧୨୦ କିଲୋମିଟର ବେଗରେ ଏହି ଇଞ୍ଜିନ୍‌ ଟାଣିନେବାର କ୍ଷମତା ରଖିଛି ।

ଏହି ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଭୁଜ୍‌ରେ ୫୩ ହଜାର ୪୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର କେତେକ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି ।

## ଶାହା-ନାଗପୁର

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆଜିଠାରୁ ୩ ଦିନିଆ ମହାରାଷ୍ଟ୍ର ଗସ୍ତରେ ଯାଉଛନ୍ତି । ପୂର୍ବାହ୍ନରେ ନାଗପୁରର ଜାମଠା ସ୍ଥିତ ଜାତୀୟ କ୍ୟାନସର ପ୍ରତିଷ୍ଠାନର ସ୍ୱସ୍ତି ନିବାସର ଶିଳାନ୍ୟାସ କରିବେ । ଅପରାହ୍ନରେ କାମଠି ଅନ୍ତର୍ଗତ ଚିଚୋଲିସ୍ଥିତ ଜାତୀୟ ଫୋରେନ୍‌ସିକ୍ ସାଇନ୍ସ ବିଶ୍ୱବିଦ୍ୟାଳୟର ନାଗପୁର କ୍ୟାମ୍ପସର ଶିଳାନ୍ୟାସ କରିବାର କାର୍ଯ୍ୟସୂଚୀ ରହିଛି । ବିଶ୍ୱବିଦ୍ୟାଳୟର କୁଳପତି ଡକ୍ଟର ଜେ.ଏମ୍. ବ୍ୟାସ୍ କହିଛନ୍ତି, ଏହି ନୂତନ କ୍ୟାମ୍ପସ ଦକ୍ଷ ଫୋରେନ୍‌ସିକ୍ ବିଶେଷଜ୍ଞ ସୃଷ୍ଟି କରିବାରେ ସହାୟକ ହେବ । ବିଶ୍ୱବିଦ୍ୟାଳୟର ଏହା ୧୧ତମ କ୍ୟାମ୍ପସ ହୋଇଥିବା ବେଳେ ମହାରାଷ୍ଟ୍ରରେ ପ୍ରଥମ ବୋଲି ଡକ୍ଟର ବ୍ୟାସ୍ କହିଛନ୍ତି । ଶ୍ରୀ ଶାହା ଆଜି ନାନ୍ଦେଡ ଠାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ ।

ଶ୍ରୀ ଶାହା ଆସନ୍ତାକାଲି ମୁମ୍ବାଇରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

## ପିଏମ୍-ସିଏମ୍

ବିକାଶର ମାର୍ଗକୁ ତ୍ୱରାନ୍ୱିତ କରିବା ଏବଂ ଡବଲ୍ ଇଞ୍ଜିନ୍ ସରକାରଙ୍କ ସଫଳତାକୁ ପ୍ରଭାବଶାଳୀ ଢଙ୍ଗରେ ଲୋକଙ୍କ ପାଖରେ ପହଞ୍ଚାଇବା ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁତ୍ୱ ଦେଇଛନ୍ତି । ନୂଆଦିଲ୍ଲୀଠାରେ ଗତକାଲି ଜାତୀୟ ଗଣତାନ୍ତ୍ରିକ ମେଣ୍ଟ-ଏନ୍‌ଡିଏ ଶାସନାଧୀନ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କର ଦିନିକିଆ ସମ୍ମିଳନୀରେ ଅଧ୍ୟକ୍ଷତା କରି ଶ୍ରୀ ମୋଦୀ ଏହା କହିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି ସ୍ୱଚ୍ଛତା, ପରିମଳ, ସ୍ୱାସ୍ଥ୍ୟସେବା, ଯୁବସଶକ୍ତିକରଣ, କୃଷି, ପ୍ରଯୁକ୍ତିବିଦ୍ୟା ଏବଂ ଅନ୍ୟାନ୍ୟ ପ୍ରମୁଖ କ୍ଷେତ୍ରଗୁଡ଼ିକରେ ଦୃଢ଼ ସମନ୍ୱୟର ଆବଶ୍ୟକତା ରହିଛି ।

ଏହି ବୈଠକରେ ବିଭିନ୍ନ ପ୍ରସଙ୍ଗ ଉପରେ ବ୍ୟାପକ ଆଲୋଚନା ହୋଇଛି । ଜଳସଂରକ୍ଷଣ, ଅଭିଯୋଗ ସମାଧାନ, ପ୍ରଶାସନିକ ଢ଼ାଞ୍ଚାକୁ ସୁଦୃଢ଼ କରିବା, ଶିକ୍ଷା, ମହିଳାସଶକ୍ତିକରଣ, କ୍ରୀଡ଼ା ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ବିଭିନ୍ନ ରାଜ୍ୟ ପକ୍ଷରୁ ଗ୍ରହଣ କରାଯାଇଥିବା ସର୍ବୋତ୍ତମ ପଦକ୍ଷେପଗୁଡ଼ିକ ଉପରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ସୁଶାସନ ପ୍ରସଙ୍ଗ ଉପରେ ଏହି ବୈଠକରେ ମତ ବିନିମୟ ହୋଇଛି । ବୈଠକ ପରେ ସାମ୍ବାଦିକଙ୍କୁ ସୂଚନା ଦେଇ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା କହିଛନ୍ତି, ଏହି ସମ୍ମିଳନୀରେ ଦୁଇଟି ପ୍ରସ୍ତାବ ଗୃହୀତ ହୋଇଛି । ପ୍ରଥମ ପ୍ରସ୍ତାବଟି ଅପରେସନ ସିନ୍ଦୂର ଏବଂ ଦ୍ୱିତୀୟଟି ଜାତି ଭିତ୍ତିକ ଜନଗଣନା ପରିଚାଳନା ଉପରେ ଆଧାରିତ ।

ବୈଠକରେ ୨୦ଟି ରାଜ୍ୟର ମୁଖ୍ୟମନ୍ତ୍ରୀ ଏବଂ ୧୮ ଜଣ ଉପମୁଖ୍ୟମନ୍ତ୍ରୀଙ୍କ ସମେତ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

## ମାଳଦୀପ ଏଫ୍‌ଏମ୍ ଭିଜିଟ୍

ମାଳଦୀପ ବୈଦେଶିକ ମନ୍ତ୍ରୀ ଡକ୍ଟର ଅବଦୁଲ୍ଲା ଖଲିଲ୍ ୩ ଦିନିଆ ଭାରତ ଗସ୍ତରେ ଆସି ଗତକାଲି ନୂଆଦିଲ୍ଲୀରେ ପହଞ୍ଚିଛନ୍ତି । ଡକ୍ଟର ଖଲିଲ୍‌ଙ୍କର ଏହା ହେଉଛି ତୃତୀୟ ଭାରତ ଗସ୍ତ । ଉଭୟ ଦେଶ ମଧ୍ୟରେ ଉଚ୍ଚସ୍ତରୀୟ ରାଜନୈତିକ ତଥା ନିରନ୍ତର ବିକାଶ ନେଇ ଆଲୋଚନା ବୈଠକ ଅନୁଷ୍ଠିତ ହେବ । ଡକ୍ଟର ଖଲିଲ୍ ଆଜି ଭାରତ-ମାଳଦୀପ ବ୍ୟାପକ ଅର୍ଥନୀତିକ ଏବଂ ସାମୁଦ୍ରିକ ସୁରକ୍ଷା ସହଯୋଗ ଉପରେ ଭିଜନ ଡକ୍ୟୁମେଣ୍ଟର କାର୍ଯ୍ୟକାରିତା ନେଇ ଆଲୋଚନା କରିବେ ।

ଗତବର୍ଷ ଅକ୍ଟୋବରରେ ମାଳଦୀପ ରାଷ୍ଟ୍ରପତି ଡକ୍ଟର ମହମ୍ମଦ ମୁଇଜୁଙ୍କ ଭାରତ ଗସ୍ତ ଅବସରରେ ଦୁଇଦେଶ ମଧ୍ୟରେ ଏହି ସହଯୋଗ ନେଇ ସହମତି ପ୍ରକାଶ ପାଇଥିଲା । ଡକ୍ଟର ଖଲିଲ୍‌ଙ୍କ ଏହି ଗସ୍ତ ଅବସରରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କରଙ୍କ ସହ ମଧ୍ୟ ଆଲୋଚନା ବୈଠକରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

# ଫରେନ ଡେଲିଗେସନ

କଂଗ୍ରେସ ସାଂସଦ ଶଶୀଥରୁରଙ୍କ ନେତୃତ୍ୱାଧୀନ ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀ ଗତକାଲି ଗାଏନାଠାରେ ପହଞ୍ଚିଛନ୍ତି । ଚେଦି ଜଗନ ଆନ୍ତର୍ଜାତିକ ବିମାନ ବନ୍ଦରଠାରେ ତାଙ୍କୁ ସ୍ୱାଗତ କରାଯାଇଥିଲା । ଆତଙ୍କବାଦ ବିରୁଦ୍ଧରେ ଭାରତର ଶୂନ୍ୟ ସହନଶୀଳ ନୀତି ସଂପର୍କରେ ଆଲୋକପାତ କରିବା ଲକ୍ଷ୍ୟ ନେଇ ଏହି ସର୍ବଦଳୀୟ ମଣ୍ଡଳୀ ଗାଏନା ଗସ୍ତରେ ଅଛନ୍ତି । ଗାଏନାସ୍ଥିତ ଭାରତୀୟ ଉଚ୍ଚାୟୁକ୍ତ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛି, ଆତଙ୍କବାଦ ବିରୁଦ୍ଧରେ ଭାରତ ଦୃଢ଼ ଏବଂ ଏକାଠି ରହିଛି ।

ଏନ୍‌ସିପି ସାଂସଦ ସୁପ୍ରିୟା ସୁଲେଙ୍କ ନେତୃତ୍ୱାଧୀନ ପ୍ରତିନିଧି ମଣ୍ଡଳୀ କାତାର ପ୍ରମୁଖ ସମ୍ବାଦପତ୍ର ଅଲ୍ ସାର୍କ ଏବଂ ପେନିନ୍ ସୁଲା ର ସମ୍ପାଦକୀୟ ମଣ୍ଡଳୀ ସହ ଆଲୋଚନା କରିଛନ୍ତି । ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣା ଏବଂ ଏହି ପରିପ୍ରେକ୍ଷୀରେ ଭାରତର ପଦକ୍ଷେପ ସଂପର୍କରେ ଏହି ପ୍ରତିନିଧି ମଣ୍ଡଳୀ ବିସ୍ତୃତ ସୂଚନା ପ୍ରଦାନ କରିଛନ୍ତି । ସୀମାମାର ଆତଙ୍କବାଦକୁ ପ୍ରତିହତ କରିବା ଲାଗି ଭାରତର ନୀତି ଏବଂ ଆଭିମୁଖ୍ୟ ଉପରେ ପ୍ରତିନିଧିମଣ୍ଡଳୀ ସେଠାକାର ଗଣମାଧ୍ୟମକୁ ଅବଗତ କରାଇଥିଲେ ।

ବିଜେପି ସାଂସଦ ବୈଜୟନ୍ତ ପଣ୍ଡାଙ୍କ ନେତୃତ୍ୱାଧୀନ ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀ ଆଜି ଏବଂ ଆସନ୍ତାକାଲି କୁଏତ୍ ଠାରେ କୂଟନୈତିକ ସ୍ତରୀୟ ଆଲୋଚନାରେ ଅଂଶ ଗ୍ରହଣ କରିବେ । ଆତଙ୍କବାଦ ବିରୁଦ୍ଧରେ  ଭାରତର

ଆଭିମୁଖ୍ୟ ସଂପର୍କରେ ଏହି ପ୍ରତିନିଧି ମଣ୍ଡଳୀ ସେଠାକାର ନେତୃବୃନ୍ଦଙ୍କୁ ଅବଗତ କରାଇବେ ।

## ସ୍ପେଶାଲ ଫିଚର-ପରମବୀରଚକ୍ର

ଆତଙ୍କବାଦ ବିରୁଦ୍ଧରେ ଅପରେସନ ସିନ୍ଦୂରର ସଫଳତା ପରେ ସାରା ଦେଶ ଭାରତୀୟ ସେନାର ବୀରତ୍ୱ ଏବଂ ସାହସ ପ୍ରତି ସମ୍ମାନ ପ୍ରଦର୍ଶନ କରୁଛି । ସଶସ୍ତ୍ର ବାହିନୀ ପ୍ରତି ସମ୍ମାନ ସ୍ୱରୂପ ଆକାଶବାଣୀ ସମାଚାର ବିଭାଗ ପକ୍ଷରୁ ଏକ ବିଶେଷ ଫିଚର ଉପସ୍ଥାପନା କରାଯାଉଛି । ଏହି କ୍ରମରେ ଆଜି ପରମବୀରଚକ୍ର ବିଜେତା  କମ୍ପାନି କ୍ୱାର୍ଟର ମାଷ୍ଟର ହାବିଲଦାର ଅବଦୁଲ ହମିଦ୍‌ଙ୍କୁ ସ୍ମରଣ କରୁଛୁ । ୧୯୬୫ ମସିହା ଭାରତ-ପାକିସ୍ତାନ ଯୁଦ୍ଧରେ ସେ ସର୍ବୋଚ୍ଚ ବଳିଦାନ ଦେଇଥିଲେ ।

୧୯୬୫ ମସିହା ଭାରତ-ପାକିସ୍ତାନ ଯୁଦ୍ଧ ସମୟରେ ୪ ଜଣ ଗ୍ରେନେଡିୟର୍ସ ଖେମକରନ-ଭିଖିୱିଣ୍ଡ୍ ରାସ୍ତାର ଚିମା ଗ୍ରାମ ନିକଟରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ଅକ୍ତିଆର କରିଥିଲେ । ଏହି ଅଞ୍ଚଳ ସାମଗ୍ରିକ ପ୍ରତିରକ୍ଷା ରଣନୀତି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା । ସେପ୍ଟେମ୍ବର ୮ତାରିଖ ରାତିରେ ପାକିସ୍ତାନୀ ସେନା ଗ୍ରେନେଡିୟରଙ୍କ ସ୍ଥିତି ଉପରେ ଯାଞ୍ଚ କରି ଆକ୍ରମଣ କରିଥିଲା । ତେବେ ଏହାକୁ ପ୍ରତିହତ କରାଯାଇ ପାରିଥିଲା । ସେପ୍ଟେମ୍ବର ୧୦ ତାରିଖ ସକାଳେ ପରିସ୍ଥିତି ଅଧିକ ସଙ୍ଗୀନ ହୋଇଉଠିଥିଲା । ପାକିସ୍ତାନୀ

ପାଟନ ଟ୍ୟାଙ୍କ ଗୁଡ଼ିକ ମାଧ୍ୟମରେ ସେଠାରେ ଜୋରଦାର ଆକ୍ରମଣ ହୋଇଥିଲା ।

ପ୍ରବଳ ଗୁଳିଗୋଳା ବର୍ଷଣ ହୋଇଥିଲା, ଫଳରେ ବାଟାଲିୟନ୍ ଅଞ୍ଚଳକୁ ପ୍ରବଳ କ୍ଷତି ପହଞ୍ଚିଥିଲା । ସକାଳ ୯ଟା ସୁଦ୍ଧା ଶତ୍ରୁପକ୍ଷର ଟ୍ୟାଙ୍କଗୁଡ଼ିକରେ ପ୍ରବେଶ କରିଥିଲା । ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ କମ୍ପାନୀ କ୍ୱାର୍ଟର ମାଷ୍ଟର ହାବିଲ୍‌ଦାର ଅବଦୁଲ ହମିଦ୍ ଏକ ରିକ୍‌ଏଲ୍‌ଲେସ୍ ବନ୍ଧୁକ ଡିଟେଚ୍‌ମେଣ୍ଟର କମାଣ୍ଡିଂ କରି ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ । ଏକ ଜିପ୍ ଉପରେ ତାଙ୍କ ବନ୍ଧୁକକୁ ଲଗାଇ ପ୍ରବଳ ଗୁଳି ଚାଳନା ଆରମ୍ଭ କରିଥିଲେ । ତାଙ୍କର ଆକ୍ରମଣରେ ଶତ୍ରୁପକ୍ଷର ମୁଖ୍ୟ ଟ୍ୟାଙ୍କଟି କ୍ଷତିଗ୍ରସ୍ତ ହୋଇଥିଲା ।

ଅନ୍ୟ ଟ୍ୟାଙ୍କଗୁଡ଼ିକ ସ୍ଥାନ ପରିବର୍ତ୍ତନ କରିବାକୁ ବାଧ୍ୟ ହୋଇଥିଲେ । ତେବେ ଏକ ଟ୍ୟାଙ୍କରେ ଉଚ୍ଚ ବିସ୍ଫୋରକ ସେଲ୍ ଦ୍ୱାରା ସେ ଗୁରୁତର ଆହତ ହୋଇଥିଲେ । ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଶତ୍ରୁପକ୍ଷକୁ ଆଗକୁ ଆସିବା ପାଇଁ ସୁଯୋଗ ଦେଇନଥିଲେ । ତାଙ୍କର ଏଭଳି ନିର୍ଭୀକ ଏବଂ ସାହସିକ କାର୍ଯ୍ୟ ବାଟାଲିୟନର ଅନ୍ୟ ଯୋଦ୍ଧାଙ୍କୁ ଅନୁପ୍ରାଣିତ କରିଥିଲା । ଏହି ଅଦମ୍ୟ ସାହସ ଓ ବଳିଦାନ ପାଇଁ ଅବଦୁଲ ହମିଦ୍‌ଙ୍କୁ ମରଣୋତ୍ତର ପରମବୀର ଚକ୍ର ପ୍ରଦାନ କରାଯାଇଥିଲା ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ସୁନିଶ୍ଚିତ ଅଗ୍ନି ନିରାପତ୍ତା: ଧନଜୀବନର ସୁରକ୍ଷା** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ଦିଲ୍ଲୀ ଅଗ୍ନିଶମସେବା ନିର୍ଦ୍ଦେଶାଳୟର ପରାମର୍ଶଦାତା ପ୍ରଶାନ୍ତ ଲୋନକର ଏବଂ ନିର୍ଦ୍ଦେଶକ ଅତୁଲ ଗର୍ଗ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ  ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23421050  ଓ 011-23314444 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍  ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

## ଆଇପିଏଲ୍ କ୍ରିକେଟ୍

ଆଇପିଏଲ୍ କ୍ରିକେଟ୍‌ର ଗତକାଲିର ଦ୍ୱିତୀୟ ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ ବିଜୟୀ ହୋଇଛି । ଦିଲ୍ଲୀର ଅରୁଣ ଜେଟ୍‌ଲୀ ଷ୍ଟାଡିୟମରେ ଗତସନ୍ଧ୍ୟାରେ ଅନୁଷ୍ଠିତ ମ୍ୟାଚ୍‌ରେ ହାଇଦ୍ରାବାଦ’ କୋଲକାତା ନାଇଟ୍ ରାଇଡର୍ସଙ୍କୁ ୧୧୦ ରନ୍‌ରେ ପରାସ୍ତ କରିଛି । ଟସ୍ ଜିତି ହାଇଦ୍ରାବାଦ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ନିର୍ଦ୍ଧାରିତ ୨୦ ଓଭର୍‌ରେ ୩ ୱିକେଟ୍ ବିନିମୟରେ ୨୭୮ ରନ୍ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ କ୍ଲାସେନ୍

ଅପରାଜିତ ୧୦୫ ରନ୍ ଏବଂ ଟ୍ରାଭିସ୍ ହେଡ୍ ୭୬ ରନ୍ ସଂଗ୍ରହ କରିଥିଲେ । ବିଜୟ ଲକ୍ଷ୍ୟକୁ ପିଛା କରି କୋଲ୍‌କାତା ୧୬୮ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା । ଦଳ ପକ୍ଷରୁ ମନୀଷ ପାଣ୍ଡେ ସର୍ବାଧିକ ୩୭ ରନ୍ ସଂଗ୍ରହ କରିଥିଲେ । କ୍ଲାସେନ୍‌ଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଛି ।

ଗତକାଲିର ପ୍ରଥମ ମ୍ୟାଚ୍‌ରେ ଚେନ୍ନାଇ ସୁପର କିଙ୍ଗ୍‌ସ ଗୁଜରାଟ ଟାଇଟନ୍‌ସକୁ ୮୩ ରନ୍‌ରେ ପରାସ୍ତ କରିଥିଲା ।

ଆଜି ପଞ୍ଜାବ କିଙ୍ଗ୍‌ସ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ମ୍ୟାଚ୍ ଖେଳାଯିବ । ଜୟପୁରର ସବାଇ ମାନସିଂ ଷ୍ଟାଡିୟମରେ ଏହି ମ୍ୟାଚ୍ ସନ୍ଧ୍ୟା ସାଢ଼େ ୭ଟାରେ ଆରମ୍ଭ ହେବ ।